# Chapter- 5

# ଧୂଳି

**STUDY NOTES**

## MIND MAP



ପଠିତ 'ଧୂଳି' କବିତାଟି କବିଙ୍କ ରଚିତ ମରୀଚିକା କବିତା ସଂମଳନରୁ ସଂଗୃହୀତ । 'ଧୂଳି' ଅତି ନଗଣ୍ୟ ପଦାର୍ଥ ହେଲେ ମଧ୍ୟ ସୃଷ୍ଟିର ଆରମ୍ଭରୁ ତାହା ରହିଛି । ସୃଷ୍ଟିର ସମସ୍ତ ପରିବ ନକୁ ସେ ନିଜ ଆଖିରେ ଦେଖିଛି । ଏ ସୃଷ୍ଟିର ଜୀବଜଗତ ଶେଷରେ ତା'ରି ଦେହରେ ମିଶିଥାଏ । ତଥାପି ମନରେ ଅହଙ୍କାର ନ ରଖି ସେ ସବୁ ଦୁଃଖ କୁ ସହିନେଉଛି । ଆକାଶ ତଳେ ଥିବା ଧୂଳିକଣା ବିଶ୍ୱରେ ସବୁଠାରୁ କ୍ଷୁଦ୍ର ଅଟେ । ଜୀବନରେ ତ'ର କାହା ସହିତ କିଛି ମାନ ଅଭିମାନ ନାହିଁ । ପ୍ରତିଦିନ କେତେ ଜୀବଜନ୍ତୁ ତାକୁ ପାଦ ତଳେ ଦଳିଚକଟି ତାକୁ କଷ୍ଟ ଦେଉଛନ୍ତି । ହେଲେ ମନରେ ଟିକେ ଦୁଃଖ ନକରି ସେ ବିକରଶୂନ୍ୟ ହୋଇ ସେହିପରି ଏହି ଧରା ପଥରେ ପଡ଼ି ରହିଛି । ଏ ପୃଥିବୀରେ ଘଟୁଥିବା ଦୁଃଖସୁଖ ସହିତ ତାର କୌଣସି ସଂପର୍କ ନାହିଁ । ତେବେ ସେ ଖାଲି ଜାଣିଛି ଏ ବିଶ୍ୱର ଜୀବଗଣ ତା'ରି ଦେହରେ ଶେଷରେ ବିଲୀନ ହେବେ ତା'ର ମୁହଁରୁ କଥା ବାହାରୁ ନାହିଁ । ସେ ଅତି ଦରିଦ୍ରା ତା'ର କେହି ସାହା ଭରଷା ନାହିଁ । ତଥାପି ସବୁପ୍ରକାର ଚାପ ସହିନେବାରେ ତା'ର ମଥା ବେଶ୍ ଦକ୍ଷ ଅଟେ । ସୃଷ୍ଟିର ଆରମ୍ଭ କାଳରୁ ଧୂଳି ସବୁ କିଛି ଅଭିଯାନ ବସି ଦେଖୁଅଛି । ଆକାଶ ତଳେ ଥିବା ଧୂଳିକଣା ଏ ପୃଥିବୀରେ ଖୁବ୍ ସାନ ହେଲେ ମଧ୍ୟ ତା'ର ଆଦର୍ଶ ଅତ୍ୟନ୍ତ ମହାନ ।

ODM EDUCATIONAL GROUP Changing your Tomorrow